# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 9 July – 2026

************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ନାଇଜର'ର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ଉପରାଷ୍ଟ୍ରପତି

– ବର୍ତ୍ତମାନ ଯୁଗରେ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ଛାତ୍ରଛାତ୍ରୀଙ୍କୁ ଦେଲେ ପରାମର୍ଶ

- ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆରମ୍ଭ ହେଲା ପ୍ରାକ୍ ପ୍ରସ୍ତୁତି

- ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପ୍ରକ୍ରିୟା ଆରମ୍ଭ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉମାନଙ୍କ ଚକାବିଜେ ନୀତି

ଏବଂ

- ହୀରାକୁଦ ଜଳଭଣ୍ଡାରରୁ ୧୦ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ

# ଉପରାଷ୍ଟ୍ରପତି–ନାଇଜର

କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ ପ୍ରଯୁକ୍ତିବିଦ୍ୟା ଏବଂ ବିଭିନ୍ନ ଉନ୍ନତ ଜ୍ଞାନକୌଶଳ ଦେଶର ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ କହିଛନ୍ତି। ଭୁବନେଶ୍ୱର ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ– ନାଇଜର'ର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଉପରାଷ୍ଟ୍ରପତି କହିଛନ୍ତି, ଏହି ଅନୁଷ୍ଠାନ ବିଜ୍ଞାନ, ନବସୃଜନ ଏବଂ ବୌଦ୍ଧିକ ଶିକ୍ଷା କ୍ଷେତ୍ରରେ ଭାରତର ଆକାଂକ୍ଷାକୁ ପୂରଣ କରିଆସୁଛି। ମୌଳିକ ବିଜ୍ଞାନ ଆଧାରିତ ଅର୍ଥନୀତିରେ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟା, ବୈଷୟିକ ଅଗ୍ରଗତି, ଜାତୀୟ ସୁରକ୍ଷା ଏବଂ ନିରନ୍ତର ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜ୍ଞାନର ପ୍ରସାର ସହିତ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରି ରାଷ୍ଟ୍ର ଗଠନରେ ଏହି ସଂସ୍ଥାନ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ବିଶ୍ୱ ବର୍ତ୍ତମାନ ସମୟରେ ଅନେକ ସୁଯୋଗ ଓ ପ୍ରତିବନ୍ଧକ ମଧ୍ୟରେ ଗତି କରୁଛି। ଏଭଳି ପରିସ୍ଥିତିରେ ନୈତିକ ଓ ସାମାଜିକ ମୂଲ୍ୟବୋଧକୁ ଧ୍ୟାନରେ ରଖି ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ଉପରାଷ୍ଟ୍ରପତି' ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଉନ୍ନତି ଲାଗି କାର୍ଯ୍ୟ କରିବା ସହ ବିକଶିତ ଭାରତ ଗଠନ ପାଇଁ ଯୋଗଦାନ ଦେବା ଲାଗି ଆହ୍ୱାନ ଦେଇଛନ୍ତି।

**- V/O -CM**

ଏହି ଅବସରରେ ୨୬୦ରୁ ଊର୍ଦ୍ଧ୍ୱ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

BBSR/R

## ଉପରାଷ୍ଟ୍ରପତି - ଭୁବନେଶ୍ୱର ଗସ୍ତ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ମତ୍ସ୍ୟଜୀବୀମାନଙ୍କୁ  ଅନୁମୋଦନ ପତ୍ର ବଣ୍ଟନ କରିଥିଲେ। ଏଥିସହ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ ମଧ୍ୟ କରିଥିଲେ। ଉପରାଷ୍ଟ୍ରପତି କହିଥିଲେ, ଦେଶରେ ସାମୁଦ୍ରିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି। ମତ୍ସ୍ୟଜୀବୀ ସମୁଦାୟମାନେ ନିଜର କଠିନ ପରିଶ୍ରମ ବଳରେ ବିଶ୍ୱର ଅର୍ଥନୀତିକୁ ସୁଦୃଢ଼ କରୁଛନ୍ତି। ଭାରତୀୟ ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା -୨୦୨୫ ଅଧୀନରେ ଅନୁମୋଦନପତ୍ର ହାସଲ କରିବା ବାଧ୍ୟତାମୂଳକ। ଏହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ

ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଆଧୁନିକ ମତ୍ସ୍ୟଚାଷ ଭିତ୍ତିଭୂମି ମାଛ ଉତ୍ପାଦନ ବୃଦ୍ଧି କରିବା ସହ ମତ୍ସ୍ୟଜୀବୀଙ୍କ ଆୟକୁ ଦ୍ୱିଗୁଣିତ କରିବ। ଆଗାମୀ ଦଶ ବର୍ଷ ମଧ୍ୟରେ ସମୁଦ୍ରରେ ୧୫୦ଟି ନୂତନ ଅତ୍ୟାଧୁନିକ ଗଭୀର ସମୁଦ୍ର ମାଛଧରା ଜାହାଜର ନିୟୋଜନ କରାଯିବ ଏବଂ ୫୦୦ଟି ମାଛଧରା ଜାହାଜର ସମ୍ପୂର୍ଣ୍ଣ ଆଧୁନିକୀକରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ପଞ୍ଚାୟତ ନିର୍ବାଚନ ବୈଠକ

ରାଜ୍ୟରେ ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଅଧ୍ୟକ୍ଷତାରେ ପୂର୍ବ ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ, ଆସନ୍ତା ୨୧ ତାରିଖରେ ଓସ୍ୱାନ ପ୍ଲାଟଫର୍ମରେ ଆଭାସୀ ଜରିଆରେ ଏହି ବୈଠକ ହେବ। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି। ପତ୍ରରେ ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ନୋଡାଲ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଯୋଗଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବୁଥ୍‌ସ୍ତରୀୟ ନିର୍ବାଚନୀ ତାଲିକା ପ୍ରସ୍ତୁତି ପାଇଁ 'ଘରକୁ ଘର' ସର୍ଭେ କାର୍ଯ୍ୟ ଅଗ୍ରଗତିର

ସମୀକ୍ଷା କରାଯିବ। ଏଥିରେ ୨୦୨୨ ସହରାଞ୍ଚଳ ନିର୍ବାଚନ ସମ୍ବନ୍ଧୀୟ ବିଲ୍ ଏବଂ ବ୍ୟବହାର ପ୍ରମାଣପତ୍ର ସ୍ଥିତିର ସମୀକ୍ଷା କରାଯିବ।

Desk

## ଯୁକ୍ତଦୁଇ ନାମଲେଖା

ରାଜ୍ୟରେ ଆଜିଠାରୁ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷ ଲାଗି ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ୨ ହଜାର ୫୭୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬ ଲକ୍ଷ ୭୧୫ଟି ଆସନ ମଧ୍ୟରୁ ଆଜି ପ୍ରଥମ ଦିନରେ ୪୭ ହଜାର ୬୯୦ଟି ଆସନରେ ଛାତ୍ରଛାତ୍ରୀମାନେ ନାମ ଲେଖାଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ 'ଜ୍ଞାନୋଦୟ– ଶିକ୍ଷାରୁ ସମୃଦ୍ଧି ଯୋଜନା'ରେ ସରକାରୀ ସମେତ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏବଂ ନୂତନ ଅନୁଦାନପ୍ରାପ୍ତ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଚଳିତ ଶିକ୍ଷା ବର୍ଷଠାରୁ ନାମଲେଖା ଦେୟ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଛି।

Puri

## ଶ୍ରୀଜୀଉଙ୍କ ଚକାବିଜେ ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଦଶମୀ ତିଥିରେ ଶ୍ରୀଜୀଉମାନଙ୍କ ଚକାବିଜେ ନୀତି ଅନୁଷ୍ଠିତ ହେବ। ଅଣସର ଘରେ ଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଏବଂ ଓଷ ଲାଗି ପରେ ମହାପ୍ରଭୁ ଆସନ୍ତାକାଲି ଶୋଇବା

ଅବସ୍ଥାରୁ ଉଠି ବସିବେ। ମଧ୍ୟାହ୍ନ ଧୂପ ଓ ଭୋଗ ମଣ୍ଡପ ନୀତି ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟାଯାଇ ଅନବସର ନୀତି ଅନୁଷ୍ଠିତ ହେବ। ଏହି ନୀତି ଅନୁଯାୟୀ ଦଇତାପତିମାନେ ଶ୍ରୀଜୀଉମାନଙ୍କୁ ଚକା ଉପରେ ବିଜେ କରାଇବେ। ପରେ ଚକଟା ଓ ପଣା ଭୋଗ ଲାଗି କରାଯିବ। ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ମଧ୍ୟାହ୍ନ ଧୂପ ପରେ ରାଜବୈଦ ଶ୍ରୀମନ୍ଦିର ଗାରଦକୁ ଦଶମୂଳ ମୋଦକ ହସ୍ତାନ୍ତର କରିବେ। ଏକାଦଶୀ ତିଥିରେ ମୋଦକ ସେବନ ପରେ ଶ୍ରୀଜୀଉମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବେ ବୋଲି ବିଶ୍ୱାସ ରହିଛି।

ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଆଜି ତିନିରଥରେ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି।

Desk

## ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ଓ ମାର୍ଫତଦାରଙ୍କ ନାମରେ ଥିବା ଦସ୍ତାବିଜ ଜମିର ରେକର୍ଡ ଅଫ୍ ରାଇଟ୍ସ- ଆର୍.ଓ.ଆର୍ ସଂଶୋଧନ କାର୍ଯ୍ୟ ଜାରି ରହିଛି। ଏହିକ୍ରମରେ ସତ୍ୟବାଦୀ ତହସିଲରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିବା ୩୮ଟି ଖାତାର ସଂଶୋଧନ କରାଯାଇଛି। ଏଥିରେ ସତ୍ୟବାଦୀର ବିଭିନ୍ନ ମୌଜା ଅନ୍ତର୍ଗତ ମୋଟ୍ ୬୯୬ ଦଶମିକ ୧/୦/୬ ଏକର ଜମିର

ଖତିଆନ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇ ଏହି ଜମି ମହାପ୍ରଭୁଙ୍କ ସମ୍ପତ୍ତି ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହୋଇଛି।

Sambalpur

## ହୀରାକୁଦ ଗେଟ୍

ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଆଜି ପୂର୍ବାହ୍ନ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ ଗେଟ୍ ଖୋଲିଥିଲେ। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଆଜି ସକାଳେ ନିୟମ ଅନୁସାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯିବା ପରେ ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୬ଟି ଗେଟ୍ ଖୋଲାଯାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫ ଦଶମିକ ୨/୧ ଫୁଟ ରହିଥିବା ବେଳେ ଜଳଭଣ୍ଡାର ମଧ୍ୟକୁ ୯୩ ହଜାର ୬୬୫ ଘନଫୁଟ ଜଳ ପ୍ରବେଶ କରୁଛି। ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୫୦ ହଜାର ୮୭୦ ଘନଫୁଟ ଜଳ ନିଷ୍କାସିତ ହେଉଛି।

Malkangiri

## ସଚେତନତା ଅଭିଯାନ

ଭାରତୀୟ ବାୟୁସେନାରେ ଦେଶର ଯୁବଶକ୍ତିଙ୍କ ସହଭାଗିତାକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଚାଲିଥିବା ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟାକୁ ଜିଲ୍ଲାର ଗ୍ରାମାଞ୍ଚଳ ଓ

ସହରାଞ୍ଚଳ ଛାତ୍ରଛାତ୍ରୀମାନଙ୍କ ପାଖରେ ପହଁଞ୍ଚାଇବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟା, ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଗ୍ନିବୀର ବାୟୁ ନିଯୁକ୍ତିରେ ଅନଲାଇନ୍ ପଞ୍ଜୀକରଣ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

Jharsuguda

## ଚାଷ ଅଭିମୁଖୀ କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ରହିଥିବା ବିଭିନ୍ନ ଚାଷୀ ଅଭିମୁଖୀ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି କିଶାନ ସାରଥୀ ଡିଜିଟାଲ ପ୍ଲାଟଫର୍ମର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ । ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲ୍ଲାର ୫ଟି ବ୍ଲକର ୩୦ଟି ଗ୍ରାମରେ କ୍ଷେତ ବଞ୍ଚାଅ ଅଭିଯାନ, ସନ୍ତୁଳିତ ସାର ପ୍ରୟୋଗ ଓ ପ୍ରାକୃତିକ ଚାଷ ଉପରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି ।

Balangir

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବଲାଙ୍ଗୀର ଗସ୍ତରେ ଯାଇ କଅଗାଁ ଗ୍ରାମର ଧବଳେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପରେ 'ଏକ ପେଡ଼୍ ମା' କେ ନାମ' ଅଭିଯାନ ଅଧୀନରେ ମିର୍ଦ୍ଧାପାଲିଠାରେ ଚାରାରୋପଣ କରିଥିଲେ ।

Nayagada

## ଦୀକ୍ଷାନ୍ତ ସମାରୋହ

ନୟାଗଡ଼ ପୁଲିସ ପ୍ରଶିକ୍ଷଣ ସ୍କୁଲରେ କ୍ୟାଡର ଡ୍ରାଇଭର ପ୍ରଶିକ୍ଷାର୍ଥୀଙ୍କ ଦ୍ୱିତୀୟ ଏବଂ ପଞ୍ଚମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ୨୦୯ ଜଣ ପିଏମ୍‌ଟି କ୍ୟାଡର ଡ୍ରାଇଭର ଏବଂ ୩୪୧ ଜଣ ଡି.ଆଇ.ସି. ପ୍ରଶିକ୍ଷାର୍ଥୀ ତାଲିମ ନେଇ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୀକ୍ଷାନ୍ତ ସମାରୋହରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ପ୍ରଶିକ୍ଷାର୍ଥୀମାନେ ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟ କରିବାକୁ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି।

Nabarangpur

## ମତବିନିମୟ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲାରେ ଭାରତୀୟ ଡାକ ବିଭାଗ ପକ୍ଷରୁ  ଜିଲ୍ଲାର ସ୍ୱୟଂସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ପ୍ରତିନିଧିମାନଙ୍କ ସହ ଏକ ସଚେତନତା ଓ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଡାକ ବିଭାଗର ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣେଲ ବିନୋଦ କୁମାର ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀ ଓ ଏମ୍.ଏସ୍.ଏମ୍.ଇ ଉଦ୍ୟୋଗୀଙ୍କ ସହ ଡାକ ପାର୍ସଲ, ପରିବହନ, ସଞ୍ଚୟ ଓ ଆର୍ଥିକ ସେବା ସମ୍ପର୍କରେ ଆଲୋଚନା କରିଥିଲେ।